# ଦକ୍ଷଯଜ୍ଞ

କବି ରଘୁନାଥ ଦାସ

ଦକ୍ଷରାଜା ଯଜ୍ଞ କରେ ଆଡମ୍ବରେ ଯଜ୍ଞ କରେ ॥

ମନ୍ତ୍ରପଢ଼ା... ଯନ୍ତ୍ରଗଢ଼ା...

ବହୁତ ଘିଅ ହୋଇଛି ପୋଡା;

ଅନେକ ହାତୀ ଅନେକ ଘୋଡା;

ଧାଡିକି ଧାଡି ଅଟ୍ଟାଳିକା ହେଲାଣି ଛିଡା;

ଟମକ ବାଜେ ପାଇକ ନାଚେ ପଲ୍ଲୀପୁରେ;

ଦକ୍ଷରାଜା ଯଜ୍ଞ କରେ ଆଡମ୍ବରେ; ଯଜ୍ଞ କରେ ॥

କର୍ମଚାରୀ କେଜାଣି କେତେ;

ମୁହୁର୍ମୁହୁ ହୁକୁମ ଛୁଟେ;

ଅମାର ଭରେ ଅଜଣା ଖେତେ

ଘଡିକି ଘଡି ଫତୁଆ ଜାରି ଇଚ୍ଛାମତେ;

କଲମଗାର ଖଣ୍ଡାଧାରେ ଶାସନ ଚାଲେ ।

ଦକ୍ଷରାଜା ଯଜ୍ଞ କରେ ଆଡମ୍ବରେ; ଯଜ୍ଞ କରେ ॥

ନୌକା ଚଳେ ଯାତ୍ରୀବାହୀ:

ଆହୁଲା ମାରେ ଅମଲାସାହି,

www.jatayu.org

Powered by Tekons

# ଦକ୍ଷଜଜ୍ଞ

କବି ରଘୁନାଥ ଦାସ

ପଝାରୀ ତେଣେ ପଇସା ବାଇ;

ଭଉଁରୀ ଟାଣେ ,ମଙ୍ଗୁଆଳ ମାରୁଛି ହାଇ,

ଡଙ୍ଗା ଚାଲେ ଅତଳ ଜଳେ ଅନ୍ଧକାରେ ।

ଦକ୍ଷରାଜା ଯଜ୍ଞ କରେ ଆଡମ୍ବରେ; ଯଜ୍ଞ କରେ ।।

ନିମନ୍ତ୍ରିତ ଶାସକକୁଳ,

ସକଳେ ଏବେ ହେଲେଣି ଠୁଳ

ଜାମାରେ ଖୋସି ଗୋଲାପଫୁଲ;

ବଜାର ତେଜେ ; ବଢୁଛି ଦର ଅମୂଲମୂଲ

ସ୍ବପ୍ନପୁରୀ କୁଆଁରୀପରୀ କୁହୁକ ବଳେ;

ଦକ୍ଷରାଜା ଯଜ୍ଞ କରେ ଆଡମ୍ବରେ; ଯଜ୍ଞ କରେ ।।

ଆସିଲେ ସର୍ଭେ, କାହିଁରେ ଶିବ?

ଦେହଟା ଅଛି ନାହିଁ ତ ଜୀବ

ଜୀବନ ବୃଥା ନ ଥିଲେ ଜିଭ;

ତୁଚ୍ଛ ସିନା ବିଭବ ଯେବେ ପ୍ରାଣ ନ ଥିବ;

www.jatayu.org

# ଦକ୍ଷଜଜ୍ଞ

କବି ରଘୁନାଥ ଦାସ

ମିଥ୍ୟା ଥାଟ, ଥାପିଛି ଘଟ ଅମଙ୍ଗଳେ ।

ଦକ୍ଷରାଜା ଯଜ୍ଞ କରେ ଆଡମ୍ବରେ; ଯଜ୍ଞ କରେ ।।

ସତ୍ୟବ୍ରତ ଦୁରୂହ ଅତି;

ଶିବକୁ ଛାଡି ନାହିଁରେ ଗତି;

ଅସତୀ ମେଳେ ମରିଛି ସତୀ;

ପାର୍ବତୀ ତ ବରଣ କଲା ନିପଟ ଯତି

ତପଃଭୋଳା ଭସ୍ମବୋଳା ଦିଗମ୍ବରେ ।

ଦକ୍ଷରାଜା ଯଜ୍ଞ କରେ ଆଡମ୍ବରେ; ଯଜ୍ଞ କରେ ।।

ଜାଗ ରେ ଜାଗ ଯୋଗେଶ୍ବର,

ସତୀର ଶବ ସ୍କନ୍ଧେ ତୋଳ;

ତ୍ରିଶୂଳେ ଭରି ଶକ୍ତି ତୋର

ଚରଣେ ଛୁଟା ତାଣ୍ଡବର ଧ୍ବସଂରୋଳ,

ସୃଷ୍ଟିଛଡା ବହ୍ନି ଜଳା ତ୍ରୀନେତ୍ରରେ ।

www.jatayu.org

Powered by Tekons

# ଦକ୍ଷଜଜ୍ଞ

କବି ରଘୁନାଥ ଦାସ

ଦକ୍ଷରାଜା ଯଜ୍ଞ କରେ ଆଡମ୍ବରେ; ଯଜ୍ଞ କରେ ॥

ଭ୍ରୂକୁଟୀ ନାଚୁ ବିଷାଣ ଧରି,

ଡମରୁ ବାଜୁ ଭୟଙ୍କରୀ

ମରିବାର ଯେ ଯାଉ ସେ ମରି;

ବଜ୍ରଘାତେ ତୁଙ୍ଗ ଗିରି ଉଠୁରେ ଥରି ;
ପ୍ରଳୟ ରଚ ଚହଟ ମିଛ ସ୍ବୟଂବରେ ।

ଦକ୍ଷରାଜା ଯଜ୍ଞ କରେ ଆଡମ୍ବରେ; ଯଜ୍ଞ କରେ ॥

www.jatayu.org